DHARITRI.COM

Vol VIII Issue No.83 Sunday, 25 March 2007

Home | About Us | Advertise | Archives | Contact Us | Horoscope | Classifieds | Useful Information




home || next

# କେନ୍ଦ୍ରର ଉପେକ୍ଷା ବିରୋଧରେ ସ୍ୱର

Click to enlarge text: A A A A

ସବ୍‌ସିଡି ନେଇ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ । ଖାରବେଳ ସ୍ୱାଇଁ: ୨୦୦୭-୦୮ ସାଧାରଣ ବଜେଟ ଚର୍ଚ୍ଚାରେ ଭାଗ ନେଇଥିଲେ । ଭର୍ତ୍ତୃହରି ମହତାବ: ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଅନୁଷ୍ଠିତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇଥିଲେ । ୨୦୦୭-୦୮ ସାଧାରଣ ବଜେଟ୍ ଓ ରେଳବଜେଟ୍ ଚର୍ଚ୍ଚାରେ ତାଙ୍କର ଲିଖିତ ଭାଷଣ ଉପସ୍ଥାପନ କରିଥିଲେ । ଓଡିଶାରେ ୨୩ଟି ଜିଲାକୁ ଇନ୍ଦିରା ଆବାସ ଯୋଜନାରେ ଦ୍ୱିତୀୟ କିସ୍ତି ଅନୁଦାନ ମଞ୍ଜୁରୀ ଏବଂ ଲୁହାପଥର ରପ୍ତାନି ଉପରେ କଟକଣା ଜାରି କରିବା ପ୍ରସଙ୍ଗ ସ୍ୱତନ୍ତ୍ର ଉତ୍‌ଥାପନ ଯୋଗେ ଉଠାଇଥିଲେ । ବିକ୍ରମ କେଶରୀ ଦେଓ: ୨୦୦୭-୦୮ ସାଧାରଣ ବଜେଟ୍ ଚର୍ଚ୍ଚାରେ ଅଂଶଗ୍ରହଣ କରିଥିଲେ । ଓଡିଶାରେ ଟ୍ରାନସମିଶନ ଓ ବିତରଣଜନିତ କ୍ଷତିକୁ କମ୍ କରିବା ପାଇଁ ପ୍ରୋତ୍ସାହନ ମୂଳକ ଆର୍ଥିକ ସହାୟତା ଯୋଗାଇଦେବା ଏବଂ ଶସ୍ୟ ଋଣ ଉପରେ ଅତିରିକ୍ତ ୨.୨ ପ୍ରତିଶତ ସବ୍‌ସିଡି ପ୍ରଦାନ କରାଯିବା ପ୍ରସଙ୍ଗ ସ୍ୱତନ୍ତ୍ର ଉତ୍‌ଥାପନ ମାଧ୍ୟମରେ ଉଠାଇଥିଲେ । ଅନନ୍ତ ନାଏକ: ୨୦୦୭-୦୮ ରେଳବଜେଟ ଚର୍ଚ୍ଚାରେ ତାଙ୍କର ଲିଖିତ ଭାଷଣ ଉପସ୍ଥାପନ କରିଥିଲେ । ପର୍ଶୁରାମ ମାଝି: ଜୟପୁର-ମାଲକାନଗିରି ସେକ୍‌ସନ ରେଳପଥ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ରାୟପୁର ଓ ବିଜୟନଗରମ୍ ମଧ୍ୟରେ ୪୩ ନମ୍ବର ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା ଓ ଓଡ଼ିଶାର ସବୁ ଜିଲାର ମୁଖ୍ୟାଳୟଠାରେ ସେନା ଭର୍ତ୍ତି କେନ୍ଦ୍ର ଖୋଲାଯିବା ନେଇ ସ୍ୱତନ୍ତ୍ର ଉତ୍‌ଥାପନ ମାଧ୍ୟମରେ ଦାବି କରିଥିଲେ । ଧର୍ମେନ୍ଦ୍ର ପ୍ରଧାନ : ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଅନୁଷ୍ଠିତ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇଥିଲେ ।୨୦୦୭-୦୮ ରେଳ ବଜେଟ୍ ଆଲୋଚନାରେ ତାଙ୍କର ଲିଖିତ ଭାଷଣ ଉପସ୍ଥାପନ କରିଥିଲେ । କଣିହାସ୍ଥିତ ଏନଟିପିସି ପ୍ରକଳ୍ପ ଯୋଗୁ ବାସଚ୍ୟୁତ ହୋଇଥିବା ପରିବାରଙ୍କ ସମସ୍ୟା ପ୍ରସଙ୍ଗରେ ଶୂନ୍ୟକାଳ ସମୟରେ ଉଲ୍ଲେଖ କରିଥିଲେ । ମୋହନ ଯେନା: କୌଣସି ଚର୍ଚ୍ଚାରେ ଅଂଶଗ୍ରହଣ କରି ନ ଥିଲେ କିମ୍ବା ପ୍ରଶ୍ନ ଉଠାଇ ନ ଥିଲେ । ଚନ୍ଦ୍ରଶେଖର ସାହୁ: ଗ୍ରାମୀଣ ବିକାଶ ରାଜ୍ୟମନ୍ତ୍ରୀ ଭାବରେ ତାଙ୍କ ମନ୍ତ୍ରଣାଳୟ କେତେକ ରିପୋର୍ଟ ଉପସ୍ଥାପନ କରିଥିଲେ ।

home || next

**New York Times Newspaper**
Stay Informed! Fast & Easy Delivery NY Times for as low as $3.15/Week
www.nytimes.com

**More Rupees per Dollar**
Get the most out of your dollars Remit funds to India online!
www.remit2india.com

**ABN AMRO NRI Investment**
Services By Certified Relationship Manager. Hurry, Special offer!
www.abnamro.co.in

**Birthday Newspaper**
For any year. Framed & Personalized Facts, prices, songs, movies.
www.overthehillgifts.com

Ads by Goooooogle Advertise on this site

©2004 Dharitri All Rights Reserved.

Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.